# ଦୁଇ ସପ୍ତାହରେ ବଢ଼ିଛନ୍ତି ୧୦ ଲକ୍ଷ

ୱାଶିଂଟନ୍,୨୨।୫/ଏଜେନ୍ସି: ବିଶ୍ୱସ୍ତରରେ ଦୁଇ ସପ୍ତାହରୁ କମ୍ ସମୟ ମଧ୍ୟରେ ଆଉ ୧୦ ଲକ୍ଷ ଲୋକ କରୋନା ସଂକ୍ରମିତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୧ ଲକ୍ଷ ୨୧ ହଜାର ୬୩୯ରେ ପହଞ୍ଚିଥିବା ବେଳେ ଗୋଟିଏ ଦିନରେ ୧ ଲକ୍ଷ ୨୧ ହଜାର ୬୫୮ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ବିଶ୍ୱସ୍ତରରେ କରୋନା ମୃତ୍ୟୁ ସଂଖ୍ୟା ୩ ଲକ୍ଷ ୩୩ ହଜାର ୩୮୨ରେ ପହଞ୍ଚିବା ସହିତ ୧୯ ଲକ୍ଷ ୬୪ ହଜାର ୯୭ ଜଣ ସୁସ୍ଥତା ଲାଭ କରିଛନ୍ତି। ଆମେରିକାରେ ସର୍ବାଧିକ ଭାବେ ସଂକ୍ରମିତଙ୍କ ସଂଖ୍ୟା ୧୫,୭୭,୭୫୮ ରହିଥିବା ବେଳେ ଏହାପଛକୁ ରୁଷିଆରେ ୩,୨୬,୪୪୮,ବ୍ରାଜିଲ ୩,୧୦,୦୮୭, ଯୁକ୍ତରାଜ୍ୟ ୨,୫୨,୨୪୬ ଏବଂ ସ୍ପେନ୍‌ରେ ସଂକ୍ରମିତଙ୍କ ସଂଖ୍ୟା ୨,୩୩,୦୩୭ରେ ପହଞ୍ଚିଥିବା ଜଣାପଡ଼ିଛି।